ଗୀତିନାଟ୍ୟ

ମଧୁମତି
ମଧୁପତି

ଗୋପାଳକୃଷ୍ଣ ରଥ

Source: Author, Digitized by PPRACHIN, SOA

ଗୀତିନାଟ୍ୟ

ନଯାଉ ରାତି
ନମରୁ ପତି

ରଚନା :
ଶ୍ରୀ ଗୋପାଳ ଛୋଟରାୟ

ଗ୍ରନ୍ଥ ମନ୍ଦିର

Source: Author, Digitized by PPRACHIN, SOA

ପ୍ରକାଶକ :
ଶ୍ରୀ ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ- ୨ : ବ୍ରହ୍ମପୁର-୧

ମୁଦ୍ରକ :
ରାଜାରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶିନୀ
ବ୍ରହ୍ମପୁର-୨

ପ୍ରଥମ ଓ ଦ୍ୱିତୀୟ ମୁଦ୍ରଣ : ୧୯୭୨
ତୃତୀୟ ଓ ଚତୁର୍ଥ ମୁଦ୍ରଣ : ୧୯୭୪
ପଞ୍ଚମ ମୁଦ୍ରଣ : ୧୯୭୫
ଷଷ୍ଠ ମୁଦ୍ରଣ : ୧୯୭୬
ସପ୍ତମ ମୁଦ୍ରଣ : ୧୯୭୭

ମୂଲ୍ୟ : ଟ ୧.୨୫

Source: Author, Digitized by PPRACHIN, SOA

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[କାଳ—ପୁରାଣ ଯୁଗ । ସ୍ଥାନ—ନଗରର ନର୍ତ୍ତୀ ସୁନ୍ଦରୀ ଲକ୍ଷହୀରାର ରଙ୍ଗଭବନ । ରାତ୍ରି ଦ୍ୱିତୀୟ ପ୍ରହର ଉତ୍ତୀର୍ଣ୍ଣ ହୋଇଯାଇଛି । ଲକ୍ଷହୀରା ଗୀତ ଗାଉଛି । ତାର ଅନୁଚରୀ କାନ୍ତି ନୃତ୍ୟ କରୁଛି । ଉପସ୍ଥିତ ନଗରର ଦୁଇଜଣ ଶ୍ରେଷ୍ଠୀ—ଧନପତି ଓ ବିଦ୍ୟାପତି ।]

—ଗୀତ—

ଲକ୍ଷହୀରା— ହୀରା ଆଣିଚ ବନ୍ଧୁ,
ନୀଳା ଆଣିଚ ବନ୍ଧୁ,
ମାଣିକ ମେଳରେ ମୋତି ଆଣିଚ ବନ୍ଧୁ । ପଦ ।

(ଆଜ) ଚହଳ ପଡ଼ିଚି କାଞ୍ଚି ରାଇଜ ଭରି,
ସରି ନୁହେଁ ମୋ ପାଦକୁ ସରଗପରୀ
ଲକ୍ଷହୀରା ମୁଁ ତ ଲକ୍ଷ ହୃଦୟରାଣୀ
ରାଇଜର ରାଜା ଭୁଲେ ତା ପାଟରାଣୀ ।
ଲକ୍ଷେ ହୀରାର ଥାଳି
ଦିଅ ଚରଣେ ଢାଳି
ରଜନୀ ବଢ଼ିବ ଚାଖି ଅଧର-ମଧୁ । ୧ ।

ଧନପତି—ଦେବୀ ! ଦେବୀ ଲକ୍ଷହୀରା !

Source: Author, Digitized by PPRACHIN, SOA

ଲକ୍ଷହୀରା—କୁହନ୍ତୁ ।
ଧନପତି—କହିବି ଯେ—କିନ୍ତୁ ମୁଁ ଯେମିତି କିଛି ବୁଝିପାରୁନାହିଁ ! ମୁଁ ଅଛି କେଉଁଠି ? ଏଇଠା କୋଉ ସ୍ଥାନ ?
ବିଦ୍ୟାପତି—ସତ କହୁଛନ୍ତି ଧନପତି ମହାଶୟ ? ବୁଝି ପାରୁନାହାନ୍ତି ?
ଧନପତି—ନା ବନ୍ଧୁ ବିଦ୍ୟାପତି—ମୁଁ ବୁଝିପାରୁନାହିଁ ।
ଲକ୍ଷହୀରା—ଜାଣେ, ବୁଝିପାରିବେ ନାହିଁ ।

—ଗୀତ—

ଏଇ ମୋ ରଙ୍ଗଭବନ ଏ କେଳିପୁର
ଯମପୁରୀ ନୁହେଁ—ନୁହେଁ ଅଳକାପୁର ।
ନୁହେଁ ରାଜବାଟୀ—ନୁହେଁ ରାଣୀ ଉଆସ
ରାଜପୁତ୍ର ନାହିଁ—ନାହିଁ ଜେମା ନିବାସ,
ଚାନ୍ଦ୍ରମଣି କୁହୁକ
ଜବାଫୁଲେ ମହକ
କେ ଜାଣିବ ଝରେ କାହୁଁ ମନର ମଧୁ
ହୀରା ଆଣିଚି ବନ୍ଧୁ...... ୨ ।

(ନୃତ୍ୟ ଗୀତ ବନ୍ଦ ହେଲା । ଧନପତି ବିସ୍ମାରିତ ନେତ୍ରରେ ଲକ୍ଷହୀରାକୁ ଚାହିଁ ରହିଥାନ୍ତି ।)

ବିଦ୍ୟାପତି—ଏବେ ବୁଝିଲେ ତ ଧନପତି ମହାଶୟ ?
ଧନପତି—ବୁଝିଲି । ଏବେ ଟିକିଏ ଦର୍ଶନର ଲାଳସା ରହିଲା ।
ଲକ୍ଷ—ଏଇତ—ମୁଁ ଆପଣଙ୍କ ସମ୍ମୁଖରେ । ମତେ ଦେଖୁଚନ୍ତି । ଆଉ କି ଦର୍ଶନ ?
ଧନପତି—ନୃତ୍ୟ ।

Source: Author, Digitized by PPRACHIN, SOA

ଲକ୍ଷ—ଦେଖୁଥିଲେ ତ ମୁଁ ଗାଉଥିଲି—କାନ୍ତ ନାଚୁଥିଲା ।

ଧନପତି—ନା, ନା, ମୁଁ କହୁଥିଲି—ଦେବୀଙ୍କ ପଦରଜ ।

ବିଦ୍ୟାପତି—କଣ. କହିଲେ ? ପଦରଜ ? ଏଠି ଏ ମର୍ମର ଗାନ୍ଥିନି—ସ୍ଫଟିକର ଚଟାଣ । ଏଠି ପଦରଜ କାହୁଁ ଆସିବ ?

ଧନପତି—ଆହା, ତୁମେ ବୁଝିପାରିଲ ନାହିଁ କବି ବିଦ୍ୟାପତି ! ମୁଁ କହୁଥିଲି ପଦରଜ, ଅର୍ଥାତ୍...

କାନ୍ତ—ଆଜି ବସୁମାତା ରଜ ପାଳୁଚନ୍ତି । ଶ୍ରେଷ୍ଠୀ ଧନପତି କଣ ସେଇ ରଜକଥା କହୁଚନ୍ତି ?

ଧନପତି—ନା, ନା, କାନ୍ତଦେବୀ ମୁଁ ସେକଥା କହୁନାହିଁ । ମୁଁ କହୁଥିଲି ଦେବୀ ଲକ୍ଷହୀରା ଯଦି ଟିକିଏ ପାଦ ଉଠାନ୍ତେ—

ଲକ୍ଷ—ଓ ! ଆପଣ ମୋ' ନୃତ୍ୟ ଦେଖିବେ ?

ଧନପତି—ଯଦି ସେତିକି ଅନୁଗ୍ରହ ଦେବୀଙ୍କର ହବ ?

ଲକ୍ଷ—ନଗରୀର ନର୍ତ୍ତକୀ ମୁଁ—ବାରାଙ୍ଗନା—ମୋ' ରଙ୍ଗଶାଳାରେ ଗୋଟିଏ ରାତ୍ରିର ରହଣି ପାଇଁ ଆପଣ ମତେ ଏକଲକ୍ଷ ହୀରା ଦେଇଚନ୍ତି । ଆପଣଙ୍କ କଥା ମୁଁ ପୁଣି ରଖିବି ନାହିଁ ! !

ଧନପତି—ଭାଗ୍ୟ—ଭାଗ୍ୟ—ମୋ' ଭାଗ୍ୟ ! ଆପଣ ନୃତ୍ୟ କରିବେ—ଆଉ କାନ୍ତ ଗାଇବେ ।

କାନ୍ତ—ମୁଁ କି ଗୀତ ଗାଇବି ? ମତେ ତ ଭଲ ଗୀତ ଗାଇ ଆସେ ନାହିଁ । ଏଣୁତେଣୁ କ'ଣ ଗାଇଦେବି ।

ଧନପତି—ଆହା, ତୁମେ ଯାହା ଗାଇବ ତାହା ଅମୃତ !

କାନ୍ତ—ହଉ ହେଲା ।

Source: Author, Digitized by PPRACHIN, SOA

(ଧନପତିଙ୍କ ନବୋଧତାରେ ଅନ୍ୟମାନେ ଆମୋଦ ଅନୁଭବ କରୁଥାନ୍ତି । ଏଇ ଅବସ୍ଥାରେ କାନ୍ତ ଗୀତ ଗାଇଲା ଓ ଲକ୍ଷହୀରା ନୃତ୍ୟ କଲା ।)

—ଗୀତ—

କାନ୍ତ— କୋଇଲି ଡାକିଲା କୁହୁ ଗୋ
ଶୁଣ ଚନ୍ଦ୍ରବଦନ,
ଶୁଆ ଶାରୀ ଦୁହେଁ ମୂରୁକ ହସିଲେ,
ମୁହଁ ମୋଡ଼ିଦେଲା କାଉ ଗୋ
ଶୁଣ ଚନ୍ଦ୍ରବଦନ । ୧ ।

ଧନପତି—ଆହା-ହା-ଅମୃତ-ଅମୃତ !

—ଗୀତ—

କାନ୍ତ— କଳା କାଇଁଚର ପେଡ଼ି ଗୋ
ଶୁଣ ଚନ୍ଦ୍ରବଦନ,
ପେଡ଼ିରୁ ବାହାରି ଭାନୁମତୀ ରାଣୀ
ଶୂନ୍ୟ ପଥେ ଯାଏ ଉଡ଼ି ଗୋ
ଶୁଣ ଚନ୍ଦ୍ରବଦନ । ୨ ।

ବିଦ୍ୟାପତି—ଏ ଗୀତ ତୁମକୁ ଭଲଲାଗୁଛି ବନ୍ଧୁ ଧନପତି !

(ଲକ୍ଷହୀରାଙ୍କ ଓଷ୍ଠରେ ମୃଦୁ ହସ)

ଧନପତି—ତୁମେ ନବୋଧ । ଚାହିଁ ଦେଖ, ଏ ଗୀତ ଶୁଣି ଶୁଣି ସୁନ୍ଦରୀ ରାଣୀ ଲକ୍ଷହୀରାଙ୍କ ଓଷ୍ଠାଧାରରେ ଯାହା ଫୁଟିଉଠୁଛି—ତାହା ଅମୃତ !

Source: Author, Digitized by PPRACHIN, SOA

—ଗୀତ—

କାନ୍ତ— ରାତି ଆସେ ପାହି ପାହି ଗୋ,
ଶୁଣୁ ଚନ୍ଦ୍ରବଦନ
କ ବୁଦ୍ଧି କରିଲ ପରବାସ କଲ
ନିଜ ବାସେ ରହା ନାହିଁ ଗୋ,
ଶୁଣୁ ଚନ୍ଦ୍ରବଦନ । ୩ ।

(ନୃତ୍ୟ ଗୀତ ଶେଷ ହେଲ୍)

ଧନପତି—ଆହା, ଅପୂର୍ବ—ଅପୂର୍ବ !

ବିଦ୍ୟାପତି—ଏଣେ ପୂର୍ବଦିଗକୁ ଚାହିଁ, ରାତି ପାହିଲାଣି । ନିଜ ବାସରେ ରହା ମିଳିବ ନାହିଁ ଯେ ! ଉଠିଆସ । (ପ୍ରସ୍ଥାନ)

ଧନପତି—ହାୟ, ହାୟ ! ଏ ରାତି ଯଦି ନ ପାହିଥା'ନ୍ତା ! !

(ଅନିଚ୍ଛାସତ୍ତ୍ୱେ ବିଦାୟ ନେଲେ । ଲକ୍ଷହୀରା ଓ କାନ୍ତ ହସୁଥାନ୍ତି ।)

Source: Author, Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ନଗର ଉପକଣ୍ଠରେ ଭିକାରି ବ୍ରାହ୍ମଣ ବିଷ୍ଣୁଦାସର ଜୀର୍ଣ୍ଣ କୁଟୀରର ବହିର୍ଭାଗ । ବିଷ୍ଣୁଦାସ ବୟସରେ ତରୁଣ । କିନ୍ତୁ ଉତ୍କଟ ବ୍ୟାଧିଗ୍ରସ୍ତ ହୋଇଥିବା ଯୋଗୁଁ ବିକଳାଙ୍ଗ । ସମୟ— ପ୍ରଭାତ । ବିଷ୍ଣୁଦାସ କୁଟୀର ଦ୍ୱାରରେ ଠିଆ ହୋଇ ଅତି ଉତ୍କଣ୍ଠାର ସହିତ ରାଜପଥକୁ ଚାହିଁ ରହିଛି । ବିଷ୍ଣୁଦାସର ଅସାମାନ୍ୟା ରୂପ-ଲାବଣ୍ୟଭରା ସ୍ତ୍ରୀ ଅନସୂୟା । ସୂର୍ଯ୍ୟଙ୍କୁ ପ୍ରଣାମ ଜଣାଇ ବନ୍ଦନା କରୁଛି ।]

—ଶ୍ଳୋକ—

ଅନସୂୟା—

ଜବାକୁସୁମସଂକାଶଂ କାଶ୍ୟପେୟଂ ମହାଦ୍ୟୁତିଂ
ଧ୍ୱାନ୍ତାରିଂ ସର୍ବପାପଘ୍ନଂ ପ୍ରଣତୋସ୍ମି ଦିବାକରଂ ।

—ଗୀତ—

ସପ୍ତାଶ୍ୱରଥବାହନ ହେ ପ୍ରଭୁ ସୂର୍ଯ୍ୟଦେବତା,
ଉଷାନାଥ ଗ୍ରହନାଥ ତମସାହରଣକର୍ତ୍ତା । ପଦ ।
ଏ ଦାସୀର ନମସ୍କାର,
ଘେନ ପ୍ରଭୁ ଦିବାକର
ପଙ୍କଜମା ହୃଦନାଥ ସର୍ବମଙ୍ଗଳକରତା । ୧ ।
ସ୍ୱାମୀ ମୋର ହୀନବୃଦ୍ଧି
ଦିଅ ତାଙ୍କୁ ସର୍ବସିଦ୍ଧି,
ଏ କଳୁଷପଙ୍କୁ ବାଟରେ ଉଦ୍ଧାର କର ହେ ଧାତା । ୨ ।

ଅନସୂୟା—ସୂର୍ଯ୍ୟୋଦୟ ହେଲାଣି କେତେବେଳୁ । ଏଯାଏ ସୂର୍ଯ୍ୟଙ୍କୁ ନମସ୍କାର କରନାହଁ । କଣ, ଶୁଣୁନାହଁ ମୋ କଥା ?

Source: Author, Digitized by PPRACHIN, SOA

ବସ୍ତୁ—(ମନକୁମନ) ଲକ୍ଷହୀରା, କିଏ ସେ ନିର୍ବୋଧ, ଯିଏ ମାତ୍ର ଏକଲକ୍ଷ ହୀରାରେ ତମ ମୂଲ୍ୟ ନିରୂପଣ କରିଛି ?

ଅନ—କଣ, କହୁଚ ପରା ମୁଁ ! ଯେତେ ଔଷଧ ମହୌଷଧି କଲେ ବି ତମର ଏ ଘା' ସବୁ ଭଲ ହେଲା ନାହିଁ । ସେଦିନ ଶମ୍ଭୁ-ଗୋସେଇଁ କହିଗଲେ, ସକାଳୁ ଉଠି ସୂର୍ଯ୍ୟଙ୍କୁ ନମସ୍କାର କଲେ···

ବସ୍ତୁ—ସେ କଥା ମୁଁ ଜାଣେ । ତୁ ଯା' ଏଠୁ !

ଅନ—ତୁମେ ଆସ—ମୁହଁହାତ ଧୋଇବ ।

ବସ୍ତୁ—ଯା'—ମତେ ବିରକ୍ତ କରନାଇଁ ।

ଅନ—ହୁଁ ! ସଖୀ ମେଳରେ ଲକ୍ଷହୀରା ପ୍ରତିଦିନ ଏଇ ବାଟରେ ନଈଘାଟକୁ ଯାଏ । ଆଜି ବି ତ ଏଇ ଯାଉଚି—ଆଉ ତମେ ତା' ବାଟ ଚାହିଁ ଏଠି ଠିଆ ହୋଇ ରହିଚ । ଆଖିରେ ତମର ପଲକ ପଡୁନି । କାହିଁକି ?

ବସ୍ତୁ—ତୁ ମୋର ସ୍ତ୍ରୀ—ମୋର କର୍କଶା, ଦାସୀ । ମତେ ଏ ପ୍ରଶ୍ନ ପଚାରିବାର ଅଧିକାର ତୋ'ର ନାହିଁ ।

ଅନ—ସ୍ୱର୍ଗର ଅପ୍ସରାଠୁ ବଳି ସୁନ୍ଦରୀ ହେଲେ ବି ଲକ୍ଷହୀରା ଗୋଟାଏ ବାରନାରୀ—ବେଶ୍ୟା—ତାର ମୁହଁଚାହିଁବା ପାପ—

ବସ୍ତୁ—ତୁନି ହ' । ସାଇପଡ଼ିଶା ପାଁଜଣ ତତେ ଭାରି ସୁନ୍ଦରୀ ଆଉ ସତୀ କୁହନ୍ତି ବୋଲି ତୋର ଗର୍ବ ଖୁବ୍ ବଢ଼ିଯାଇଚି—ନା ?

ଅନ—ହେଲେ ସାଇପଡ଼ିଶା ଯାଏ କଥା ଯାଉଚି କାହିଁକି ? ମୁଁ ସୁନ୍ଦରୀ କି ଅସୁନ୍ଦରୀ—ସତୀ କି ଅସତୀ—ସେକଥା ତମଠୁଁ ତ ଆଉ କେହି ବେଶୀ ଜାଣନ୍ତି ନାହିଁ ! ପାଣି ଦଉଚି ଆସ, ଗାଧୋଇବ । (ଭିତରକୁ ଗଲା)

Source: Author, Digitized by PPRACHIN, SOA

ବଷ୍ଟୁ—ମୁଁ ସାନସ୍ଥାନ ଗଢ଼ିବ । ଭିକ୍ଷା କରି ପେଟ ପୋଷେ । ଉତ୍କଟ ବ୍ୟାଧିରେ ମୋ ଦେହ ବିକଳାଙ୍ଗ ହୋଇଯାଇଛି । ମତେ ଦେଖିଲେ ଲୋକେ ଘୃଣା କରନ୍ତି । କିନ୍ତୁ ମୁଁ ଲକ୍ଷହୀରାକୁ ଦେଖି ପାଗଳ ହୋଇଯାଉଛି । ଲକ୍ଷହୀରା ବିନା ମୋ ଜୀବନର ଗତି ନାହିଁ—ମୁକ୍ତି ନାହିଁ ।

(କୁଟୀର ସମ୍ମୁଖ ଚଉପାଢ଼ୀରେ ଶୋଇଲା—ଅନସୂୟା ଆସିଲା ।)

ଅନ—ଏ କଣ—ତମେ ପୁଣି ଶୋଇଲଣି ଯେ ?

ବଷ୍ଟୁ—କଣ ଆଉ କରିବ ?

ଅନ—ଗାଧୋଇସାରି, କ'ଣ ଦ'ଟା ମୁହଁରେ ଦେଇ···

ବଷ୍ଟୁ—(ବାଧାଦେଇ) ଓଃ, ସତେ ଯେମିତି ମୋପାଇଁ ଖଜା ମାଲପୁଆ କରି ରଖିଦେଇଛି ।

ଅନ—ହସି ହସି ତମରି ସେବା କରି ପାରିଲେ ମୋ ହାତର ଖୁଦ ଗୁଡ଼ଳ ଭଜା କଣ ଖଜାପିଠା ସଙ୍ଗେ ସମାନ ନୁହେଁ ? ଆସ, ଗାଧୋଇ ସାରିଲେ ଭିକ୍ଷାକରିଯିବ ।

ବଷ୍ଟୁ—ନା, ମୁଁ ଆଜି ଭିକ୍ଷା କରି ଯିବ ନାହିଁ ।

ଅନ—ଯିବ ନାହିଁ ? ଆଜି ଏ ବେଳା ଭିକ୍ଷା ନ ଆଣିଲେ ଆର ବେଳାକୁ ଯେ ଉପାସ ରହିବାକୁ ପଡ଼ିବ !

ବଷ୍ଟୁ—କହୁଛି ମୁଁ ଭିକ୍ଷା କରି ଯିବ ନାହିଁ—ଯିବ ନାହିଁ ।

ଅନ—ହଉ, ତମ ଇଚ୍ଛା ! (ପ୍ରସ୍ଥାନ)

Source: Author, Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ଏ ମଧ୍ୟରେ ତିନି ଦିନ ବିତିଯାଇଛି । ବିଷ୍ଣୁ ଦାସ ସେମିତି ଶୋଇରହିଛି ।]

ଅନ—(କାନ୍ଦି) ତିନି ଦିନ ତିନି ରାତି ହୋଇଗଲା—ମୁହଁରେ ପାଣି ଟୋପାଏ ଦେଉନ—ସେତେ ପଚାରିଲେ କହୁ ନାହଁ ।

ବିଷ୍ଣୁ—କାହାରିକୁ ମୋର କିଛି କହିବାର ନାହିଁ ।

ଅନ—ତମ ପାଦ ଧରି ଅଳି କରୁଛି—ମତେ କୁହ, କଣ ତମର ହୋଇଛି । କାହିଁକି ଏ ମୃତ୍ୟୁ ର ପଣ ତୁମେ କରିଛ ?···କୁହ ।

ବିଷ୍ଣୁ—ଶୁଣିବୁ ? ସେ ଧୈର୍ଯ୍ୟ ତୋର ଅଛି ?

ଅନ—ଯେତେ ଦିନଯାଏ ତୁମେ ମୋ ପାଖରେ ଅଛ, ମୋର ଦମ୍ଭ, ମୋର ଧୈର୍ଯ୍ୟ କେବେ ତୁଟିବ ନାହିଁ ।

ବିଷ୍ଣୁ—ଶୁଣ୍ ତା'ହେଲେ—ମୁଁ ଚାହେଁ ଲକ୍ଷହୀରାକୁ !

ଅନ—ଲକ୍ଷହୀରାକୁ ! !

ବିଷ୍ଣୁ—ହଁ ! ଲକ୍ଷହୀରାକୁ ନ ପାଇଲେ ମୁଁ ବଞ୍ଚିପାରିବି ନାହିଁ । ସେଥିପାଇଁ ଏ ମୃତ୍ୟୁ ପଣ ମୁଁ କରିଛି ।

ଅନ—ନା-ନା, ଏ ପାପ—ଏ ଅନାଚାର କଥା କୁହନାହିଁ ତୁମେ—କୁହନାହିଁ ।

—ଗୀତ—

ଏ କି ପଣ କର ହେ ଜୀବନେଶ୍ୱର,
ଶୁଣନାକର ଦାସୀ ଗୁହାରି,
ବାରନାରୀ ବାରଙ୍ଗନା ଭଲ କେବେ,
ହେଉଛି କହର କାହାରି ? । ୦ ।

Source: Author, Digitized by PPRACHIN, SOA

ଲକ୍ଷେ ହୀରା ଯା'ର ରତ୍ନକର ମୂଲ
ଲକ୍ଷେ ସଂସାର ଯେ କରିପାରେ ଜୁର
ତାହାଲାଗି ତୁମେ ସଂସାରୀ ପୁରୁଷ
ଯାଉଚ ସଂସାରୁ ବାହାର । ୧ ।

ବସ୍ତୁ—ତୁ ଚାଲିଯା—ଚାଲିଯା ଏଠୁ ! ମୋ ପ୍ରତିଜ୍ଞାରୁ କେହି ମୋତେ ଟଳାଇ ପାରିବ ନାହିଁ । ତୁ ଚାଲିଯା !

—ଗୀତ—

ଯେ' ପଣ କରିଚି, ଜୀବନ ବଳକି
ପାରିବ କେ ତାହା ରୋଧ କରି ?
କରିଛି ସପଥ ତିନବାର ସତ୍ୟ
ମୋ ଇଷ୍ଟ ଦେବତା ନାମ ସ୍ମରି । ୦ ।
ଲକ୍ଷହୀରା ଲକ୍ଷରମଣୀ-ମଣି ସେ,
ମୋ ଜୀବ-ଗଗନ ଧ୍ରୁବତାରା,
ସେହି ମୋ ସଂସାର, ସେହି ମୋ ସ୍ୱର୍ଗର
ଗତି ମୁକ୍ତି ମୋ ଜୀବନତରୀ । ୧ ।
ମୁଁ ଧନ କାଙ୍ଗାଳ, ନାହିଁ ମୋ ସମ୍ବଳ
ଦେଇ ପାରିବନି ତାର ମୂଲ,
ବଞ୍ଚିବାର ଆଶା ତୁଟାଇ ଦେଇଚି
ମରଣ ପଥ ମୁଁ ନେଲି ବରି । ୨ ।

ଅନ—ଏଇ ତେବେ ତମ ମନର କଥା ?

ବସ୍ତୁ—ହଁ । ମୁଁ ଜାଣେ, ମୁଁ ଲକ୍ଷହୀରାର ଯୋଗ୍ୟ ନୁହେଁ । ମୁଁ ତାକୁ ପାଇପାରିବ ନାହିଁ । ସେଇଥିପାଇଁ ମୁଁ ପଣ କରିଚି—ଏମିତି ନ ଖାଇ ନ ପିଇ ଶୁଖି ଶୁଖି ମରିବି ।

Source: Author, Digitized by PPRACHIN, SOA

ଅନ—ନା ! (ଅନସୂୟାର ସ୍ୱର ଦୃଢ଼ତାବ୍ୟଞ୍ଜକ)

ବସ୍ତୁ—ନା ?

ଅନ—ଲକ୍ଷ୍ମୀରଙ୍କୁ ତୁମେ ପାଇବ ।

ବସ୍ତୁ—ଏଁ , ତୁ କଣ କହୁଚୁ ଅନସୂୟା ?

ଅନ—ଠିକ୍ କହୁଚି । ନାରୀର ସେବା ଆଉ ତ୍ୟାଗ ନିକଟରେ ଏ ସଂସାରରେ କିଛି ଅସମ୍ଭବ ନୁହେଁ । ତୁମେ ଲକ୍ଷ୍ମୀରଙ୍କୁ ପାଇବ—ଆଉ ମୁଁ ପାଇବି ମୋ ସ୍ୱାମୀଙ୍କ ଜୀବନ ।

ବସ୍ତୁ—ଅନ !! (ବସ୍ତୁଦାସର ମୁଖମଣ୍ଡଳରେ ବିସ୍ମୟ ଓ ଆନନ୍ଦର ଚିହ୍ନ)

Source: Author, Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଲକ୍ଷ୍ମୀଧରର ବାସଭବନର ସମ୍ମୁଖଭାଗ]

ଲକ୍ଷ—ଆରେ କାନ୍ତୁ, ଆଜ କଣ ସିଏ ପୁଣି ଆସିଚ ?

କାନ୍ତୁ—ହଁ ଦେବା, ଆଜ ବ ରାତ ନପାହୁଣୁ ଆସି ଦାଣ୍ଡଦୁଆର ବାର ଦୁଆର ସବୁ ଝାଡ଼କଲାଣି ।

ଲକ୍ଷ—ଚାଲଲୁ ଦେଖେ ।

କାନ୍ତୁ—ଆସ—ଏଇ ଦେଖ ।

(ଲକ୍ଷ୍ମୀଧର ଦେଖିଲା ହାତରେ ସମ୍ମାର୍ଜନୀ ଧରି ଅନସୂୟା ବାହାର ଅଗଣା ଝାଡ଼ୁଚ ।)

ଲକ୍ଷ—ଆହା, ଏଡ଼େ ସୁନ୍ଦରୀ ସ୍ତ୍ରୀ ତ ମୁଁ କେବେ କୋଉଠି ଦେଖି ନ ଥିଲି ! ଏ ସୁନ୍ଦର ରୂପ—ଏ ସୁକୁମାର ତନୁଲତା—ପୁଣି ଉଚ୍ଚ କୁଳର ବୋହୂ ଭଳି ଜଣାଯାଉଚ । ଅଥଚ ହାତରେ ଝାଡ଼ୁ ଧରି ମୋ ଦୁଆର ଝାଡ଼ୁଚ କାହିଁକି ? (ଅନସୂୟାକୁ) କିଏ ତୁମେ ଭଉଣୀ—କୁହ ତୁମେ କିଏ ? କାହିଁକି ଆସି ମୋର ଏ ସେବା କରୁଚ ?

ଅନ—ତମର ଏ ସୁନ୍ଦର ରୂପକୁ ଏତେ ପାଖରେ କେବେ ଦେଖି ନ ଥିଲି, ଆଗେ ଥରେ ଆଖି ପୂରେଇ ଦେଖିସାରେ !

ଲକ୍ଷ—ମୁଁ ସୁନ୍ଦର ସତ—ହେଲେ . ଆକାଶରେ ଚନ୍ଦ୍ର ଉଇଁଲେ କୁଆଁ ତାରାର ତେଜ ବି ମଉଳିଯାଏ ।

Source: Author, Digitized by PPRACHIN, SOA

ଅନ—ମାନ ସୁନ୍ଦର ଦୁର୍ଭାଗ୍ୟ ତା ଜୀବନରେ ଆସେ ଅମାବାସ୍ୟା—ଠିକ୍ ଯେମିତି ମୋ ଜୀବନ-ଆକାଶରେ ଆଜ ଅମାବାସ୍ୟାର ଅନ୍ଧାର ଘୋଟିଆସିଛି ।

ଲକ୍ଷ—କିଏ ତୁମେ—କିଣ ହେଉଛି ତମର ?

ଅନ—ତମେ ନଦୀକୁ ଗାଧୋଇଯିବା ବାଟରେ ଭଗବତୀ ମନ୍ଦିର ପଛ ଭଙ୍ଗା କୁଡ଼ିଆର ଦୁଆର ମୁହଁ ଧରି ଯୋଉ ଭିକାରି ବ୍ରାହ୍ମଣ ଜଣକ ତମ ବାଟ ଚାହିଁ ଠିଆହୋଇଥାଏ···

ଲକ୍ଷ—ବୁଝିଲି । ପ୍ରତିଦିନ ଏକଲୟରେ ସେ ମୋତେ ଚାହିଁ ରହିଥାଏ ।

କାନ୍ତ—ଇହି, କି ବିକଳାଙ୍ଗ ଅସନା ରୂପ ସେଇଠାର !

ଅନ—ସେଇ ମୋର ସ୍ୱାମୀ । ମୋ ନାଁ ଅନସୂୟା ।

ଲକ୍ଷ—ତୁମେ—ତୁମେ ତାର ସ୍ତ୍ରୀ ! କାଇଁ, ତୁମକୁ ତ ମୁଁ କେବେ ଦେଖିନି ସେଠି ?

ଅନ—ଦେଖିବ କେମିତି ? ମୁଁ ଉଚ୍ଚ କୁଳର ବୋହୂ । ତମ ମୁହଁ ଚାହିଁବା ତ ମୋର ଉଚିତ ନୁହେଁ ।

କାନ୍ତ—ହେ, କିଣ ଏମିତି ବଡ଼ି ବଡ଼ି କଥା କହୁଚୁ ? ପଳେଇଯା' ଏଠୁ ।

ଅନ—ମତେ ଭଉଣୀ ବୋଲି ଡାକିଚ ଲକ୍ଷହୀରା—ଶୁଣିବ ନାହିଁ ମୋ କଥା ?

ଲକ୍ଷ—ଶୁଣିବି । କୁହ, ସ୍ୱାମୀ ତମର କାହିଁକି ପ୍ରତିଦିନ ଏମିତି ଏକ-ଲୟରେ ମୋତେ ଚାହିଁରହନ୍ତି ? ଦରିଦ୍ର ବୋଲି ମୋ'ଠାରୁ କିଣ କିଛି ଭିକ୍ଷା ଚାହାନ୍ତି ?

ଅନ—ନା !

ଲକ୍ଷ—ତେବେ ? କିଣ ସେ ଚାହାଁନ୍ତି ?

Source: Author, Digitized by PPRACHIN, SOA

—ଗୀତ—

ଅନ— ଅଘଟନ କଥା କହୁଚ
ଶୁଣ ସୁଦୟା ବନ୍ଧୁ,
ଗୋ ସୁଦୟା ବନ୍ଧୁ ।
ଅଭାଗିନୀ ମୁଁ ଯେ ଦୁଃଖିନୀ
ପ୍ରାଣ ହୁଏ ମୋ ଦନ୍ଧ । ୧ ।
ଦେଖି ତୁମ ରୂପଲାବଣ୍ୟ
ସ୍ୱାମୀ ପାଗଳ ପ୍ରାୟ,
ସେ ପାଗଳ ପ୍ରାୟ ।
ବୁଝିନ୍ତନ କହୁଁ କଥା ସେ
କହୁଁ ନ୍ୟାୟ ଅନ୍ୟାୟ । ୨ ।

ଲକ୍ଷ—ତମର କଣ ହିତାହିତ ଜ୍ଞାନ ଲୋପ ପାଇଲାଣି ଅନସୂୟା ! ତୁମେ ବ୍ରାହ୍ମଣକୁଳର ସ୍ତ୍ରୀ ନା ?

—ଗୀତ—

ଏ'କ ବିବେଚନା ତୁମର
ତୁମେ କୁଳର ବୋହୂ,
ଗୋ କୁଳର ବୋହୂ,
ଏତିକରେ ରହୁ ଏ କଥା
ଆଉ ପ୍ରଘଟ ନୋହୁ । ୩ ।
ସ୍ୱାମୀ ତୁମ ସବୁ ଦେବତା
ସବୁ କରମେ ସାର,
ସେ କରମେ ସାର,
ପର ନାରୀଠାରେ ବଖାଣ-
କପାଁ ତାଙ୍କ ବେଭାର । ୪ ।

Source: Author, Digitized by PPRACHIN, SOA

ଅନ—

କ୍ଷମ ଅପରାଧ ଦେବୀ ଗୋ
ମୋର ଅଛୁ କ ଗ୍ୟା,
ମୋ’ ଅଛୁ କ ଗ୍ୟା ?
ତୁମେ ତାଙ୍କ ଗତି-ମୁକତି
ତାଙ୍କ ହୃଦୟ-ହାର । ୫ ।
ତୁମେ ଯେବେ ପ୍ରାପ୍ତ ନୋହିବ,
ଦେବେ ଜୀବନ ବଳ,
ସେ ଜୀବନ ବଳ,
ଏ ଦୁଃଖରୁ ଚିନ୍ତା ସେ ଦୁଃଖ
ମୋର ଯାଉଛି ବଳ । ୬ ।

ଅନ—ପଣ କରିଚନ୍ତି—ତମକୁ ନ ପାଇଲେ ନ ଖାଇ ନ ପିଇ ଶୁଖି ଶୁଖି ମରିବେ । ସେଥିପାଇଁ ହାତରେ ଝାଡ଼ୁ ଧରି ହୀନ ଚଣ୍ଡାଳୁଣୀ ପରି ମୁଁ ତମର ସେବା କରୁଛି । ମତେ ତମେ ଦୟାକର ।

ଲକ୍ଷ—ତୁମେ ଭୁଲ କରୁଛ ଅନସୂୟା—ତୁମେ ଭୁଲିଯାଉଛ ମୋ ଅବସ୍ଥା ଆଉ ତୁମ ଅବସ୍ଥାର କଥା ।

—ଗୀତ—

ରାଜା ମହାରାଜା ସାମନ୍ତ
ଶ୍ରେଷ୍ଠୀ ବଣିକକୁଳ,
ସେ ବଣିକ କୁଳ,
ପାଦତଳେ ଯାର ଲୋଟନ୍ତି
ଯାହା ପାଇଁ ଆକୁଳ । ୭ ।

Source: Author, Digitized by PPRACHIN, SOA

ସେ ଦେଲା ତମକୁ ଯେବେ ତା'
ଭଉଣୀର ଆସନ
ସେ ଭଉଣୀର ଆସନ,
ଏଇ ଫଳ ଦେଲ !! ଫେରି ଯା'
ଏବେ ନିଜ ଭବନ । ୮ ।

ଅନ—ଏମିତି ଖାଲି ହାତରେ ମୁଁ ତମ ପାଖରୁ ଫେରିଯାଇ ପାରିବି ନାହିଁ ଲକ୍ଷ୍ମୀ ! ଧନପତିମାନଙ୍କ ପାଇଁ ତମ ଦୁଆର ରାତିକ ସକାଶେ ବନ୍ଦ ହେଲେ ତମ ରତ୍ନଭଣ୍ଡାର କିଛି ଊଣା ହେଇ ଯିବ ନାହିଁ । ହେଲେ ମୋ' ସ୍ୱାମୀ ଯଦି ତୁମକୁ ନ ପା'ନ୍ତି ତେବେ ମୋ' ସଂସାର ଉଚ୍ଛନ୍ନ ହୋଇଯିବ । ମୁଁ ହେବି ବିଧବା —ଅଲକ୍ଷଣୀ ।

ଲକ୍ଷ—ମୋ କଥା ମୁଁ କହିସାରିଚି ।

ଅନ—ନା, ନା, ମତେ ଦୟାକର !

କାନ୍ତ—ଏଇଟା କଥା କାହିଁକି ଶୁଣୁଚ ମ ଦେବୀ ! ସିଏ ସେମିତି ହଉଥାଉ, ତମେ ଭିତରକୁ ଚାଲ ।

ଅନ—ଲକ୍ଷ୍ମୀ, ଥରେ ଚାହିଁ ମତେ—ଦୟା କର ! ସବୁ ବିଧିବିଧାନକୁ ପଛରେ ପକାଇ ମୁଁ ତମ ଦ୍ୱାରକୁ ଧାଇଁ ଆସିଚି—ତମ ସେବା କରିଚି । କହିବ ତ ତମ ପଦସେବା କରିବି । ତମ ବସ୍ତ୍ର ପଖାଳିବି । (ଅନସୂୟାର ଏ କାତର ପ୍ରାର୍ଥନାରେ ଲକ୍ଷ୍ମୀ ବିଚଳିତା ହୋଇଉଠିଲେ ।)

ଲକ୍ଷ—ଅନସୂୟା···

Source: Author, Digitized by PPRACHIN, SOA

ଅନ—ଦୟାକର ଦେବୀ, ମୋ ସ୍ୱାମୀଙ୍କୁ ବଞ୍ଚାଅ !

ଲକ୍ଷ—ମୁଁ ରାଜି, ଅନସୂୟା !

କାନ୍ତ—ଦେବୀ !

ଲକ୍ଷ—ମୁଁ କଥା ଦଉଛି । ଆଜି ରାତିରେ ତମ ସ୍ୱାମୀ ମୋର ଅତିଥି ହେବେ—ତମେ ଯାଅ ।

ଅନ—ତମର—ତମର ଜୟ ହେଉ ଲକ୍ଷହୀରା ! ତମେ ସୌଭାଗ୍ୟବତୀ ହୁଅ । (ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

[ଲକ୍ଷହୀରର ରଙ୍ଗଭବନ । ସମୟ—ରାତ୍ରି । ଉପସ୍ଥିତ ଧନପତି ଓ ବିଦ୍ୟାପତି । ଦୁହିଁଙ୍କ ଅବସ୍ଥାରୁ ଜଣାଯାଏ ଯେ ଦୁହେଁ ଅତି ଉତ୍କଣ୍ଠାର ସହିତ ଲକ୍ଷହୀରର ଆଗମନକୁ ଅପେକ୍ଷା କରି ରହିଛନ୍ତି; କିନ୍ତୁ ଲକ୍ଷହୀର ନ ଆସିବାରୁ ଦୁହେଁ ବେଳକୁବେଳ ଅସ୍ଥିର ଓ ହତାଶ ହୋଇପଡ଼ୁଛନ୍ତି ।]

ଧନପତି—କବି ବନ୍ଧୁ ବିଦ୍ୟାପତି !

ବିଦ୍ୟାପତି—କୁହନ୍ତୁ ଧର୍ମବନ୍ଧୁ ଧନପତି !

ଧନ—କଣ ଦେଖୁଛନ୍ତି ?

ବିଦ୍ୟା—ଆପଣ ଯାହା ଦେଖିପାରୁନାହାନ୍ତି ।

ଧନ—ମୁଁ ତ ଲକ୍ଷହୀରଙ୍କୁ ଦେଖିପାରୁନାହିଁ !

ବିଦ୍ୟା—ଓଃ !

ଧନ—ଆପଣ ତାଙ୍କୁ ଦେଖୁଛନ୍ତି କି ?

ବିଦ୍ୟା—ସେ କଥା ଆପଣ ଜାଣି ଲାଭ କଣ ?

ଧନ—ତା ଅର୍ଥ ଆପଣ ଯାହା ଦେଖୁଛନ୍ତି ମୁଁ ତାହା ଦେଖିପାରୁ ନାହିଁ ।

ବିଦ୍ୟା—ତାହା ହିଁ ମୁଁ ଭାବୁଛି ।

ଧନ—ଶୁଣନ୍ତୁ—ଆପଣ ମିଛ କହୁଛନ୍ତି । ଲକ୍ଷହୀର ଏ ଯାଏଁ ରଙ୍ଗ-ଭବନକୁ ଆସିନାହାନ୍ତି ।

ବିଦ୍ୟା—ଏତେବେଳକେ କଥାଟା ତା' ହେଲେ ଆପଣଙ୍କର ବୋଧଗମ୍ୟ ହେଲା ।

ଧନ—ଲକ୍ଷହୀରଙ୍କର ଏ ଅନ୍ୟାୟ । ଏତେ ବେଳ ହେଲାଣି, ଆମେ ଅପେକ୍ଷା କରି ବସିଚୁ—ସେ ଆସୁନାହାନ୍ତି ।

Source: Author, Digitized by PPRACHIN, SOA

ବିଦ୍ୟା—କଣ ତେବେ କରିବା ?

ଧନ—ଯେତେ ଚେଷ୍ଟା କଲେ ବି ଖାଲି ହାଇମାରିବା ଛଡ଼ା ଆଉ କିଛି କରିପାରୁନାହିଁ । ଏଇ ଆସିଲେ !

ବିଦ୍ୟା—ଆସିଲେ ?

ଧନ—ଏଇ ଦେଖନ୍ତୁ, ସେ ପରଦା ସେ ପାଖରେ ।

ବିଦ୍ୟା—ସେ ନୀଳ ପରଦା ?

ଧନ—ନା !

ବିଦ୍ୟା—ତା ସେପଟକୁ ଯେ ସବୁଜ ପରଦା ?

ଧନ—ନା !

ବିଦ୍ୟା—ତା'—ତା' ସେ ପଟକୁ ସେ ଲୋହିତ ପରଦା ?

ଧନ—ହଁ, ଦେଖନ୍ତୁ—ପରଦା ତଳ ଅଂଶଟା ଅଳ୍ପ ଅଳ୍ପ ହଲୁଚି ।

ବିଦ୍ୟା—ତା' ଅର୍ଥ ?

ଧନ—ଦେଖା ଆସିବେ ଆସିବେ ହଉଚନ୍ତି, ଅଥଚ ଆସି ପାରୁନାହାନ୍ତି ।

ବିଦ୍ୟା—ତା'ହେଲେ ?

ଧନ—ମୋର ଗୀତଟିଏ ଗାଇବାକୁ ମନ ବଳୁଚି ।

ବିଦ୍ୟା—ମୋର ଶୁଣିବାକୁ ବି ମନ ବଳୁଚି—ଗା'ନ୍ତୁ ।

—ଗୀତ—

ଧନ—

ସେ ପଟର ମାୟା ଭୁଲି
ଏ ପଟକୁ ଆସ ବାରେ
କଟ କଟ କଟିଦେଶ
ବସି ବସି ହାଇ ମାରେ···
ଖାଲି, ବସି ବସି ହାଇମାରେ । ୦ ।

Source: Author, Digitized by PPRACHIN, SOA

ମଠ ମଠ କର ଯେତେ, ଛଟପଟ ହୁଏ ସେତେ
ଓଲୁଟିବ ନାହିଁ କବା,
ନାଲ ଓଠେ ହସ ଧାରେ । ୧ ।
କରୁଚ କଆଁ କପଟ—ମାରୁଚ କଆଁ ଚମ୍ପଟ
କେତେ ହେବ ଭଟ ଭଟ
ଶୁଖି ତ ଯାଉଚ କଣ୍ଠ
ଦାନ୍ତ ମୂଳ ରଟ ରଟ
ଗୁଡ଼ଯାଉଅଚ୍ଛ ଘଟ ।

ବଦ୍ୟା—(ବାଧା ଦେଇ) ବନ୍ଧୁ ଧନପତ୍ତ !

ଧନ— ଆରେ ଯାଃ ହଟ ହଟ !
ନଦାତଟ କଳ୍ପବଟ
ଶେଷକୁ ଆଶ୍ରୟ ମଠ
ତାରେ ତାରେ ନାରେ ନାରେ
କ ତାରେ ତାରେ ନାରେ ନାରେ । ୨ ।

ବଦ୍ୟା—ଏଇ ଆସିଲେ !

ଧନପତ୍ତ—ମୁଁ ଜାଣିଥିଲି, ମୋ' ଗୀତ ଶୁଣି ଦେଖା ନ ଆସି ରହ୍ଵ-ପାରିବେ ନାହିଁ ।

(ଲକ୍ଷହୀରର ପ୍ରବେଶ)

ଲକ୍ଷ—ମତେ କ୍ଷମାକରିବେ !

ଧନପତ୍ତ—ଆହା, ବନ୍ଧୁ ଆଗରୁ ସେ ଅଡ଼ୁଆ ତୁଟିଯାଇଚ । ଏଇ ଦେଖ ଦେଖା, ଏକଲକ୍ଷ ହୀରର ଏ ଥଳି ।

ବଦ୍ୟା—ମୁଁ କବ—ହୀର ଦବାର କ୍ଷମତା ମୋର ନାହିଁ । ସେଥି-ପାଇଁ ଏକଲକ୍ଷ ଶ୍ଳୋକ ମୁଁ ରଚନା କରି ଆଣିଚ ।

Source: Author, Digitized by PPRACHIN, SOA

ଲକ୍ଷ—ଆଗେ ଶୁଣନ୍ତୁ ମୋ' କଥା ।

ଧନ ଓ ବିଦ୍ୟା—ତା ପୂର୍ବରୁ ଆମ କଥା ଶୁଣ ଦେବି !

—ଗୀତ—

ଧନ— ପାଟବସନ ଥଳରେ ଏକଲକ୍ଷ ହୀରା
ଘେନାକର ଶ୍ରୀହସ୍ତରେ ଦେବି ଲକ୍ଷହୀରା । ୧ ।

ବିଦ୍ୟା— ଭୂର୍ଜ ପତ୍ରେ ଲେଖିଚି ମୁଁ ଶ୍ଲୋକ ଏକଲକ୍ଷ
ଛୁଟାଇଚି ନେତ୍ରୁ ମୋର ଫଟାଇଚି ବକ୍ଷ । ୨ ।

ଧନ— ହୀରାକୁଦ ହୀରା ଏହୁ ଦଶଟି ହଜାର
ଦେଖି ଛାତି ଫାଟିଗଲା ସେ ଦେଶ ରଜାର । ୩ ।

ବିଦ୍ୟା— ଏହୁ ଶ୍ଲୋକେ ଅଛୁ ମୋର ଅତି ଗୂଢ଼ ଛନ୍ଦ
ବିରହର ବିଷଜ୍ୱାଳା ମିଳନର ଗନ୍ଧ । ୪ ।

ଧନ— ଜମ୍ବୁ ଦ୍ୱୀପ ହୀରା ଏହୁ ଜମ୍ବୁ ଦ୍ୱୀପେ ସାର
ଗଢ଼ି ଆଣିଚି ଏଥିରେ ସାତ ସରି ହାର । ୫ ।

ବିଦ୍ୟା— ଗନ୍ଧମାଦନ ଚୂଡ଼ାରେ ରାତିଧାରି ବସି
ଏ ଶ୍ଲୋକ ମୁଁ ବିରଚିଲି ସାକ୍ଷୀ ତାରା ଶଶୀ । ୬ ।

ଧନ— ସାତ ସମୁଦ୍ର ସେପଟୁ ଏ ହୀରା ଆଣିଚି

ବିଦ୍ୟା— ସାତତାଳ ପଙ୍କେ ପଶି ଏ ଶ୍ଲୋକ ଭଣିଚି । ୭ ।

ଧନ— ଏ ହୀରା ମୁଁ ଆଣିଅଛି—

ବିଦ୍ୟା— ଏ ଶ୍ଲୋକ ମୁଁ ଲେଖିଅଛି—

ଲକ୍ଷ— ଶୁଣନ୍ତୁ—ଶୁଣନ୍ତୁ ମୋ' କଥା ! ଆପଣମାନଙ୍କ ହୀରା
ଓ ଶ୍ଲୋକ ନେଇ ଆପଣମାନେ ଫେରିଯାନ୍ତୁ !

Source: Author, Digitized by PPRACHIN, SOA

ଧନ ଓ ବିଦ୍ୟା—କାହିଁକି ?

ଲକ୍ଷ—ଏଇ ଦେଖନ୍ତୁ ସେ ଘରେ ଯିଏ ବସିଚନ୍ତି—

ଧନ—(ଭିତରକୁ ଚାହିଁ ଦେଖି) ସେଇ ବିକଳାଙ୍ଗ ଭିକାରି ବ୍ରାହ୍ମଣ ବିଷ୍ଣୁ ଦାସ !

ଲକ୍ଷ—ହଁ, ସେଇ ବିଷ୍ଣୁ ଦାସ ଆଜି ମୋର ଅତିଥି !

ଧନ—ନା-ନା-ଲକ୍ଷ୍ମୀ...

ଲକ୍ଷ—କହିଲି ପରା ଆପଣମାନେ ଯା'ନ୍ତୁ !

ବିଦ୍ୟା—ଆସନ୍ତୁ ଧନପତି ମହାଶୟ, ଉଠନ୍ତୁ !

ଧନ—କିନ୍ତୁ ଯିବା କୁଆଡ଼େ ? ଅଦ୍ୟ ରାତ୍ରରେ ତ ସ୍ୱଗୃହ ପ୍ରତ୍ୟାବର୍ତ୍ତନର ବାସନା ମୋର ନଥିଲା ।

ବିଦ୍ୟା—ମଠ—ଯୋଗ ମଠ...ଗୀତ ଗାଉଥିଲେ !

ଧନ—ଚାଲନ୍ତୁ—ଏବେ ମଠ ହିଁ ଆମ ଆଶ୍ରୟ ।

(ଦୁହିଁଙ୍କର ପ୍ରସ୍ଥାନ)

ଲକ୍ଷ—କାନ୍ତ !

(କାନ୍ତର ପ୍ରବେଶ)

କାନ୍ତ—ଦେବୀ !

ଲକ୍ଷ—ଅନସୂୟା କଣ କରୁଚି ?

କାନ୍ତ—ଭିତର ଅଳନ୍ଦରେ ବସିଚନ୍ତି—ଡାକିବି ?

ଲକ୍ଷ—ନା, ବିଷ୍ଣୁ ଦାସଙ୍କୁ ଆସିବାକୁ କୁହ ।

(ଟିକିଏ ପରେ ବିଷ୍ଣୁ ଦାସ ଆସିଲେ । ସେ ବିବ୍ରତ, ବିହ୍ୱଳିତ ।)

ଲକ୍ଷ—ଆସ, ଏଇଠି—ଏଇ ଆସନରେ ବସ । ଏକଣ ? ତୁମେ ଏମିତି ଥରୁଚ କାହିଁକି ?

ବିଷ୍ଣୁ—ନା ତ—ନା ତ !

Source: Author, Digitized by PPRACHIN, SOA

ଲକ୍ଷ—ନା !! ଏଇ ତ, ତମ ମୁହଁରେ ବନ୍ଧୁ ବନ୍ଧୁ ଝାଳ ଦେଖା ଦେଲାଣି ! ଓ ବୁଝିଲି, ମୋର ଏ ବେଶ ଭୂଷା—ସାଜ ସଜ୍ଜା ଦେଖି ତମର ବୋଧହୁଏ ଏଣୁ ତେଣୁ ଭ୍ରମ ହେଉଚି । କଣ କରିବ କୁହ—ଏଇଟା ତ ଆମ କୁଳର କଥା ! କେତେ କେତେ ରଜା, ଧନୀବଣିକ ଏଠିକି ଆସୁଚନ୍ତି । ସେମାନଙ୍କ ମନ ନେବାକୁ ହେଲେ...କଣ ଶୋଷ ହେଉଚି ? ପାଣି ପିଇବ ?

ବିଷ୍ଣୁ—ହଁ, ଟିକେ ପାଣି ପିଇବି ।

ଲକ୍ଷ—ହଉ ଆଣୁଚି ! (ପ୍ରସ୍ଥାନ)

ବିଷ୍ଣୁ—(ମନକୁମନ) ମୁଁ ବୁଝି ପାରୁ ନାହିଁ କଣ ମୁଁ କରିବି ! ମନରେ ଯେଉଁ ଆଶା, ଯେଉଁ ବାସନା ନେଇ ଏଠିକି ଆସିଥିଲି—ଏଠି ଆସି ଦେଖୁଚି ସେ ସବୁ ଯେମିତି ସ୍ୱପ୍ନ, ମାୟା...

(ହାତରେ ଦୁଇଟି ପାଣିଭର୍ତ୍ତି ପାତ୍ର ନେଇ ଲକ୍ଷହୀରା ଆସିଲା)

ଲକ୍ଷ—ଏଇ, ପାଣି ନିଅ ।

ବିଷ୍ଣୁ—ଏ କଣ ଦୁଇଟି ପାତ୍ରରେ ପାଣି ?

ଲକ୍ଷ—ହଁ, ଦୁଇଟି ପାତ୍ର—ଇଏ ସୁନାର ପାତ୍ର, ଆଉ ଇଏ ମାଟିର !

—ଗୀତ—

ହେ ପୂଜ୍ୟ ଅତିଥି, ହେ ବନ୍ଧୁବର,
ଦୁଇ ପାତ୍ରେ ଭରିଅଛି ମୁଁ ଜଳ ।
ସ୍ୱର୍ଣ୍ଣ ପାତ୍ର ଜଳ ଏ ସୁବାସିତ
ସେଥି ସଙ୍ଗେ ପୁଣି ମଧୁ ମିଶ୍ରିତ ଯେ,
ମାଟି ପାତ୍ରର ଏ ଜଳ ଯେ,
ପବିତ୍ର ଗୋ'କନ୍ୟା ନଦୀରୁ ଆଣିଚି
ଶୁଦ୍ଧ ପୂତ ନିର୍ମଳ ଯେ । ୧ ।

Source: Author, Digitized by PPRACHIN, SOA

—ଗୀତ—

ବସ୍ତୁ— ବୁଝି ନ ପାରେ ଏ ରହସ୍ୟ କିବା
ଭିନ୍ନ ପାତ୍ରେ ଭିନ୍ନ ଜଳ ରଖିବା ।
ସ୍ୱର୍ଣ୍ଣ ପାତ୍ର ତୁମ ଯୋଗ୍ୟ ବେଭାର
ମାଟି ପାତ୍ର ସିନା ତୁଚ୍ଛ ଅସାର ଯେ,
କିପାଇଁ ତେବେ ଏ ଭ୍ରମ ଯେ,
କହ ଗୋ ଫିଟାଇ କେଉଁ ଜଳ ପିଇ
ତୃଷା ମେଣ୍ଟାଇବ ମମ ଯେ । ୨ ।

—ଗୀତ—

ଲକ୍ଷ— ନାହିଁ କିଛି ଭ୍ରମ ନାହିଁ ରହସ୍ୟ,
ନାହିଁ ଏଥି ବିଷ ନାହିଁ ପିୟୁଷ ।
ତୁମେ ଆଜ ମୋର ପ୍ରିୟ ଅତିଥି
ଲକ୍ଷ୍ୟ ତୁମ ଲକ୍ଷ୍ୟହୀରାର ପ୍ରୀତି ଯେ
କି କଥାକୁ ଆଉ ଡର ଯେ,
କେଉଁ ଜଳପାନେ ତୃଷା ଦୂର ହେବ
ସେ ବିଚାର ନିଜେ କର ଯେ । ୩ ।

ଲକ୍ଷ୍ୟ—ଲକ୍ଷହୀରାକୁ ପାଇବା ପାଇଁ ଯଦି ମରଣ ପଣ କରିପାରିଲ, ତେବେ ନଦୀ ଜଳ କି ସୁବାସିତ ଜଳ କେଉଁଥିରେ ତମ ତୃଷା ମେଣ୍ଟିବ ସେ ବିଚାର କରିପାରୁନ ?

ବସ୍ତୁ—ସେ ବିଚାର ମୁଁ କଲି, ଦେବୀ ଲକ୍ଷହୀରା ! ଏଇ ମାଟିପାତ୍ରର ପବିତ୍ର ନିର୍ମଳ ଜଳ ମୁଁ ପିଉଛି । (ପିଇଲା)

ଲକ୍ଷ—ମଧୁର ସୁବାସିତ ଜଳ ଥାଉ ଥାଉ ନଦୀଜଳ ପିଇଲ ?

ବସ୍ତୁ—ହଁ ।

Source: Author, Digitized by PPRACHIN, SOA

—ଗୀତ—

ସ୍ୱର୍ଣ୍ଣ ପାତ୍ର ଜଳ ମଧୁ ମିଶ୍ରିତ
ଶୋଷୀ ଜନେ ମାତ୍ର କରେ ଅହିତ,
ରସନା ଲାଳସେ ବଢ଼େ ବାସନା
ମେଣ୍ଟେ ନାହିଁ ଶୋଷ ବଢ଼େ ଯାତନା ଯେ,
ମତେ ଭଲ ମାଟି ପାତ୍ର ଯେ,
ନାହିଁ ବାସ ନାହିଁ ବାସନା ଏଥିରେ
ଏ ଜଳ ପିଇ ମୁଁ ତୃପ୍ତ ଯେ । ୪ ।

ସୁବାସିତ ମଧୁର ଜଳରେ ଶୋଷ ମେଣ୍ଟେ ନାହିଁ, ବରଂ ବଢ଼େ । ସେଥିପାଇଁ ଏ ନଦୀଜଳ ମୁଁ ପିଇଲି । ଏଥିରେ ମୁଁ ତୃପ୍ତ ।

ଲକ୍ଷ—ଏତିକ—ଏତିକ ମୁଁ ତୁମଠୁଁ ଶୁଣିବାକୁ ଚାହୁଁ ଥିଲି ।
(ଡାକିଲେ) ଅନସୂୟା—ଅନସୂୟା ! (ଅନସୂୟା ଆସିଲେ)

ଅନ—ମତେ—ମତେ ଡାକିଲ ?

ଲକ୍ଷ—ହଁ, ଆସ, ଏଠିକି ଆସ । ତମର ଜୟ ହୋଇଛି ।

ଅନ—ଜୟ ହୋଇଛି ?

ଲକ୍ଷ—ହଁ, ତମ ସ୍ୱାମୀଙ୍କ ବିଚାରରେ ହିଁ ତମର ଜୟ ହୋଇଛି— ଆଉ ତାଙ୍କର ହୋଇଛି ପରାଜୟ ।

ବିଷ୍ଣୁ—ମୋ ବିଚାରରେ ?

ଲକ୍ଷ—ମୁଁ ଆଉ ଅନସୂୟା—ମୋର ଏ ବେଶଭୂଷା ଆୟୁଅଳଙ୍କାର ଭିତରେ ମୁଁ ହେଉଛି ସୁନାପାତ୍ରର ସୁବାସିତ ଜଳ । ଆଉ ଏ ସାଦା ବେହରଣ ଖଣ୍ଡିକ ପିନ୍ଧି ତମର ସଖି ଅନସୂୟା ହଉଛି ପବିତ୍ର ଶୋକନ୍ୟା ନଦୀର ଜଳ । ତମେ ବର୍ତ୍ତମାନ ଏଇ ନଦୀ

Source: Author, Digitized by PPRACHIN, SOA

ଜଳ ପିଇଲ । କୁହ—ତା'ହେଲେ ତମ ଜୀବନକୁ ଧନ୍ୟ କରିବ କିଏ—ମୁଁ ନା ଏଇ ସତୀ ସାଧ୍ୱୀ ଅନସୂୟା ?

ବିଷ୍ଣୁ—ମତେ କ୍ଷମାକର ଦେବୀ—ମୁଁ ପାପୀ, ଅଧମ । ମୋର ଭ୍ରମ ମୁଁ ବୁଝିପାରିଛି । ମତେ କ୍ଷମାକର !

ଲକ୍ଷ—ଅନସୂୟା—ଯାଅ ଭଉଣୀ, ସ୍ୱାମୀଙ୍କୁ ନେଇ ଏଥର ଘରକୁ ଫେରିଯାଅ । ଏ କ'ଣ—ତମ ଆଖିରେ ଲୁହ ?

ଅନ—ଜନ୍ମ ଜନ୍ମ ପାଇଁ ମୁଁ ତୁମ ନିକଟରେ ଋଣୀ ରହିଗଲି ଭଉଣୀ । ସଂସାର ଆଖିରେ ତୁମେ ଯାହା ହୁଅନା କାହିଁକି—ମୋ ଆଖିରେ ତୁମେ ଦେବୀ । (ପଦଧୂଳି ନେଲା)

ଲକ୍ଷ୍ୟ—ଆରେ ଆରେ, ଏ କଣ କରୁଛ ଅନସୂୟା ? ମୋର ପଦଧୂଳି ନେଉଛ ! ! ସାମାନ୍ୟ ଗୋଟାଏ ନାରୀ ମୁଁ···

—ଗୀତ—

ଅନ— ନାରୀ ତୁମେ ନୁହଁ ଗୋ ଭଉଣୀ
ଦେବୀ ତୁମେ ବରନାରୀ,
ଅନୁଗ୍ରହେ ତୁମ ଅନସୂୟା ହେଲା
ସଙ୍କଟ ସାଗର ପାରି ଗୋ ଭଉଣୀ,
ଦେବୀ ତୁମେ ବରନାରୀ ।୧ ।
ଲକ୍ଷ୍ମୀର ନାମ ବହୁଛ ଜଗତେ
ନାରୀ ମଧ୍ୟେ ତୁମେ ହୀର
ଭାଗ୍ୟବଳେ ସିନା ସ୍ୱାମୀଙ୍କୁ ଜିଣିଲି
ତୁମ ପାଖେ ଗଲି ହାରି ଗୋ ଭଉଣୀ,
ଦେବୀ ତୁମେ ବରନାରୀ । ୨ ।

Source: Author, Digitized by PPRACHIN, SOA

ଏ ଅମା ରଜନୀ ଘୋଟିଛି ଅବନୀ
ଆକାଶରେ ନାହିଁ ଜହ୍ନ,
ମୋ ଆକାଶେ ତୁମେ ସାତ ଜହ୍ନପରି
ଜୋଛନା ଦେଇଛି ଢାଳି ଗୋ ଭଉଣୀ,
ଦେଖା ତୁମେ ବରନାରୀ । ୩ ।

ଲକ୍ଷ—ଯାଅ ଭଉଣୀ, ସ୍ୱାମୀଙ୍କୁ ସାଥିରେ ନେଇ ଯାଅ । ମୁଁ ଠାକୁରଙ୍କୁ ଜଣାଉଛି, ସ୍ୱାମୀ ତୁମର ରୋଗମୁକ୍ତ ହୁଅନ୍ତୁ । ସ୍ୱାମୀ ସନ୍ତାନ ନେଇ ସୁଖରେ ଘର ସଂସାର କର । କିନ୍ତୁ ଏ ଅନ୍ଧକାରରେ ମୁହଁକୁ ମୁହଁ ଦିଶୁନି—ଯିବ କେମିତି ?

ଅନ—କିଛିଚ ପରି, ମୋର ଜୟ ହୋଇଛି ! ଏ ଅନ୍ଧାର ଆମକୁ ବାଧା ଦେଇପାରିବନି । ଯାଉଛୁ ଆମେ । (ଦୁହିଁଙ୍କର ପ୍ରସ୍ଥାନ)

Source: Author, Digitized by PPRACHIN, SOA

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଅମାବାସ୍ୟାର ରାତ୍ରି । ପଥଧାରରେ ଆଣି ମାଣ୍ଡବ୍ୟ ଋଷି ଶୂଳ-ଦଣ୍ଡ ଭୋଗୁଛନ୍ତି । ଯନ୍ତ୍ରଣାରେ ସେ ଅସ୍ଥିର ।]

ଆଣି ମାଣ୍ଡବ୍ୟ—ହେ ଭଗବାନ, ବିନା ଦୋଷରେ ମତେ ଏ ଗୁରୁଦଣ୍ଡ ଦେଲ ! ରାଜନବରରୁ ଧନରତ୍ନ ଚୋରି କରି ଚୋରମାନେ ଅରଣ୍ୟରେ ଯାଇ ଲୁଚିଲେ । ମୁଁ ନିରୀହ ଋଷି, ମୌନବ୍ରତରେ ବସି ଧ୍ୟାନ କରୁଥିଲି । ରାଜକର୍ମଚାରୀମାନେ ମତେ ମିଥ୍ୟାରେ ସନ୍ଦେହ କଲେ । ରାଜା ଅବୁଝା—ମତେ ଶୂଳଦଣ୍ଡ ଆଦେଶ ଦେଲା । ମୁଁ ଏ ଶୂଳଦଣ୍ଡ ଭୋଗୁଚି । ଜାଣେନା, କେତେ କାଳ ଯାଏ ମୁଁ ଏ ଯମଯନ୍ତ୍ରଣା ଭୋଗ କରୁଥିବି । ଆଃ ଆଃ......(ସେଇ ବାଟରେ କୌଶିକ ଦାସ ଓ ଅନସୂୟା, ଲକ୍ଷହୀରା ନିକଟରୁ ଫେରି ଆସୁଛନ୍ତି ।)

କୌଶିକ—ଅନୁ, ଧୀରେ ଚାଲ ଅନୁ ! ଅନ୍ଧାରରେ କାଳେ କେଉଁଠି ଝୁଣ୍ଟିବ ।

ଅନ—ସତ କହୁଚି—ଆଜି ମୋ ପାଖରେ ଆଲୁଅ ଅନ୍ଧାରର ଭେଦ କିଛି ନାହିଁ । ତମକୁ ମୁଁ ଫେରି ପାଇଚି—ମୋର ଯେମିତି ନବଜନ୍ମ ହୋଇଚି ।

କୌଶିକ—ଓଃ...

ଅନ—କଣ ହେଲା ? ତମକୁ ଚାଲିବାକୁ କଷ୍ଟ ହେଉଚି ?

Source: Author, Digitized by PPRACHIN, SOA

ବସ୍ତୁ—ନା, ଏ ଡାହାଣ ପାଦଟା······

ଅନ—ଶୁଣ, ମୋ କାନ୍ଧରେ ଭର ଦେଇ ତୁମେ ଆସ ।

ବସ୍ତୁ—ଏମିତି ଚାଲି ପାରିବ ତୁମେ ?

ଅନ—ହଁ, ଆସ ।

(ଏଇପରି ଭାବେ ଚାଲୁଥିବା ଅବସ୍ଥାରେ ଅନସୂୟା ଅନ୍ଧାରରେ ଜାଣି ନ ପାରି ଆଗ୍ନିକ ଋଷିଙ୍କୁ ଝୁଣ୍ଟିଲା ।)

ଆଗ୍ନିକ—ଆଃ ଆଃ···(ଚିତ୍କାର କରି) କିଏ ? କିଏ ମତେ ଝୁଣ୍ଟିଲା ? ଯନ୍ତ୍ରଣାରେ ମୋ ମେରୁଦଣ୍ଡ ହାଡ଼ ଭାଙ୍ଗି ଚୂନା ହୋଇଯାଉଛି । କିଏ ମତେ ଝୁଣ୍ଟିଲା ?

ବସ୍ତୁ—ଆପଣ—ଆପଣ— କିଏ ?

ଆଗ୍ନିକ—ମୁଁ ଆଗ୍ନିକ ଋଷି ।

ଅନ—ମତେ କ୍ଷମା କରନ୍ତୁ ମହାତ୍ମା—ଅନ୍ଧାରରେ ମୁଁ ବାଟ ବାରି ନପାରି···

ଆଗ୍ନିକ—ମିଥ୍ୟା କଥା । ଯୋଗ ବଳରେ ମୁଁ ସବୁ ଜାଣିପାରିଛି । ତୋର ସ୍ୱାମୀକୁ ତୁ ଫେରି ପାଇଚୁବୋଲି ଗର୍ବ ଅହଙ୍କାରରେ ତୁ ଧରାକୁ ସରା ଜ୍ଞାନ କରୁଚୁ ।

ଅନ—ନା-ନା ମହାମୁନି···

ଆଗ୍ନିକ—ତୋ ଆଖିରେ ସମସ୍ତେ ତୁଚ୍ଛ—ହେୟ—ନଗଣ୍ୟ ! ! ଗର୍ବରେ ଅନ୍ଧ ହୋଇ ତୁ ମତେ ପଦାଘାତ କରିଚୁ । ସେଥିପାଇଁ ମୁଁ ତତେ ଅଭିଶାପ ଦେଉଛି ।

ଅନ—ଅଭିଶାପ !!

Source: Author, Digitized by PPRACHIN, SOA

ଆଗ୍ନିକ—ହଁ, ହଁ—ମୁଁ ତୋତେ ଅଭିଶାପ ଦେଉଛି । ଯୋଉ ସ୍ୱାମୀ ପାଇଁ ତୋର ଏ ଗର୍ବ, ଏ ଅହଙ୍କାର—ଯାହାପାଇଁ ତୁ ମୁନି ଋଷିଙ୍କୁ ମଧ ଅବମାନନା କରୁଚୁ—ଆଜିର ଏ ଘିଅ ପାହିଲା ମାତ୍ରେ ତୋର ସେ ସ୍ୱାମୀ ପ୍ରାଣ ତ୍ୟାଗ କରିବ ।

ଅନ—ପ୍ରଭୁ, ଏ କି ଦଣ୍ଡ ଦେଉଛନ୍ତି ! ମୁଁ ଆପଣଙ୍କ ପାଦ ଛୁଇଁ କହୁଚି ଜାଣିଶୁଣି କିଛି ଅପରାଧ ମୁଁ କରିନାହିଁ । ମତେ କ୍ଷମା କରନ୍ତୁ !

ଆଗ୍ନିକ—ନା, ଏ ଅପରାଧର କ୍ଷମା ନାହିଁ । ଋଷିବାକ୍ୟ ଅନ୍ୟଥା ହୋଇପାରେନା ।

—ଗୀତ—

ଲୋ ନିର୍ବୋଧ ନାରୀ, ତୁହି କଲୁ ଯୋଉ କର୍ମ,
ନ ମାନିଲୁ ଇନ୍ଦ୍ର, ଚନ୍ଦ୍ର ନ ମାନିଲୁ ଧର୍ମ
ତାର ଫଳ ଭୋଗ ଲୋ;
ଭୋଗ ଏବେ ବଇଧବ୍ୟ ଯୋଗ ଲୋ । ୧ ।
ଏ ଘିଅ ଯେ କାଳେ ପାହି ପ୍ରଭାତ ହୋଇବ
ସ୍ୱାମୀ ତୋର ଶମଶାନ ଚିତାରେ ଶୋଇବ
ଏହା ଧ୍ରୁବ ସତ୍ୟ ଲୋ ।
ମୁନିବାକ୍ୟ ନହୁଏ ଅସତ୍ୟ ଲୋ । ୨ ।

ଅନ—ଦୟା କରନ୍ତୁ ମୁନିଶ୍ରେଷ୍ଠ; ଦୟା କରନ୍ତୁ ! ଏ ଅଭିଶାପ ଫେରାଇ ନିଅନ୍ତୁ ।

ବଶିଷ୍ଠ—ମୁଁ ତମ ପାଇଁ ଆପଣଙ୍କ ନିକଟରେ ଅଳି କରୁନାଇଁ ମହାମୁନି—ଅନସୂୟାର ଅବସ୍ଥା ଦେଖନ୍ତୁ—ତା' ପ୍ରତି ଦୟା କରନ୍ତୁ ।

Source: Author, Digitized by PPRACHIN, SOA

—ଗୀତ—

ଆଗ୍ନିକ—ବ୍ରହ୍ମଶକ୍ତି ଜାଣୁନାହିଁ ତୁ ଅଜ୍ଞାନ ମୂଢ଼,
ଇନ୍ଦ୍ର ଶକ୍ତି ଠାରୁ ବ୍ରହ୍ମ-ଶକ୍ତି ଅଟେ ଗୂଢ଼,
ସେଇ ବ୍ରହ୍ମ କୋପରେ,
କରିଦେଇ ପାରେ ସୃଷ୍ଟି ଲୋପରେ ।୨ ।

ଆଗ୍ନିକ—ଯାଅ ଏବେ—ତୁମେ ଦୁଇଟା ଚାଲିଯାଅ ମୋ ସମ୍ମୁଖରୁ, ଚାଲିଯାଅ । ଆଃ...

ଅନ—ଏ ରାତି ପାହିଲେ ମୁ ମୋ ସ୍ୱାମୀଙ୍କୁ ହରାଇବି । ମୁଣ୍ଡ ଉପରେ ଏ ଅଭିଶାପର ବୋଝ ନେଇ ମୁଁ ଏଠୁଁ ଯାଇ ପାରିବି ନାହିଁ । ମହାମୁନି, ମତେ ଦୟା କରନ୍ତୁ ! (କାନ୍ଦୁଥାଏ)

—ଗୀତ—

ଅନ— ଅପରାଧ ମୁହିଁ କରିଚି ଋଷି ହେ
ମତେ ଦିଅ ଅଭିଶାପ,
କରେ ନର୍କବାସ ଯାଉ ବସବାସ
ଘାରୁ ପଛେ ଘୋର ତାପ ।
ଏ ରୂପ କୁରୂପ ହେଉ
ଜନ୍ମେ ଜନ୍ମେ ସାତ ଜନ୍ମେ—
ଏ ରୂପ କୁରୂପ ହେଉ,
ଚଉଦ ଭୁବନେ କାହିଁ
ଏ ଆତ୍ମା ଶାନ୍ତି ନ ପାଉ । ୧ ।
ମହାଆତ୍ମା ମହାପୁରୁଷ ତୁମେ ହେ
ମୋ ଦୁଃଖ ବିଚାର କର,

Source: Author, Digitized by PPRACHIN, SOA

ମୋ ଜୀବନ ନେଇ ମୋ ସ୍ୱାମୀ ଦେବତା
ଜୀବନକୁ ରକ୍ଷାକର ।
ବ୍ରହ୍ମ ତେଜେ ଜାଳ ମତେ,
ସ୍ୱାମୀଙ୍କୁ ମୋ ରକ୍ଷାକର ।
ଏତିକ ଅଳ ହେ ପ୍ରଭୁ,
ସ୍ୱାମୀଙ୍କୁ ମୋ ରକ୍ଷାକର । ୨ ।

ଅନ—ଅପରାଧ ମୁଁ କରିଚ ପ୍ରଭୁ—ମୋ ଜୀବନ ନେଇ ମୋ ସ୍ୱାମୀଙ୍କ ଜୀବନ ରକ୍ଷା କରନ୍ତୁ । ପତିବ୍ରତା ସତୀ ନାରୀ ମୁଁ—ବୈଧବ୍ୟ ଯୋଗରୁ ମତେ ମୁକ୍ତ କରନ୍ତୁ ।

ଆଗ୍ନିକ—ନା-ନା, ମୁଁ କଛି ଶୁଣିବ ନାହିଁ । କାହାର କଥା ଶୁଣିବ ନାହିଁ ।

—ଗୀତ—

ଦେବଲୋକଠାରୁ ନାଗଲୋକଯାଏ
ସର୍ବେ ହୋଇ ଯେବେ ଯୋଡ଼ହସ୍ତ,
ଜାନୁ ପାତି ମୋର ପାଦତଳେ ବସି
କର ସର୍ବେ ଯେବେ ମଥା ନତ,
କଲେ ମତେ ଅଳ ଯିବ ନାହିଁ ଭଳ
ଠେଲିଯିବ ନାହିଁ ମୋର କଥା,
ଆଗ୍ନିକ ଋଷି ମୁଁ ବୁଝେ ନାହିଁ କଏ
ସତୀ ଆଉ କଏ ପତିବ୍ରତା ।

ଅନ—ତା'ହେଲେ ଶୁଣନ୍ତୁ ମୁନିବର—ନର୍ଦୋଷ ମୁଁ—ମୁଁ ଏ ଅନ୍ୟାୟ ସହି ପାରିବ ନାହିଁ । (ଅନସୂୟା କଣ୍ଠରେ ଦୃଢ଼ତା)

Source: Author, Digitized by PPRACHIN, SOA

ଆଗ୍ନିକ—ସହି ପାରିବୁ ନାହିଁ ?

ଅନ—ନା ।

ଆଗ୍ନିକ—ତୁ ସହିବା ପୂର୍ବରୁ ଏ ରାତି ପାହିଥିବ ।

ଅନ—ନା—ଏ ରାତି ପାହିବ ନାହିଁ । ମୁଁ ଯଦି କାୟ ମନ ବାକ୍ୟରେ ସତୀ ହୋଇଥାଏ—ମୋର ପତିବ୍ରତା ଧର୍ମ ଯଦି ମୁଁ ପାଳନ କରିଥାଏ—ତେବେ ମୁଁ କହୁଚି—ଏ ରାତି ପାହିବ ନାହିଁ ।

ବିଷ୍ଣୁ—ଅନ !

ଆଗ୍ନିକ—ତୋର ଏ ଗର୍ବ, ଏ ଅହଙ୍କାର !

ଅନ—ହଁ, ମୁନିବାକ୍ୟ ଯଦି ଅନ୍ୟଥା ନ ହୁଏ, ତେବେ ସତୀବାକ୍ୟ ମଧ୍ୟ ଅନ୍ୟଥା ହେବ ନାହିଁ ।

—ଗୀତ—

ଦେବଲୋକଠାରୁ ନାଗଲୋକ ଯାଏ
ସମସ୍ତଙ୍କୁ ଯୋଡ଼ି ହସ୍ତ,
ସବୁ ଦେବ ଦେବୀ ପାଦତଳେ ମୁହିଁ
କରେ ମୋର ମଥା ନତ,
ଜଣାଣ କରୁଚି ପରାଣ ଆକୁଳେ
ସତୀ ମାନ ରକ୍ଷା ପାଇଁ,
ସତୀ ଯେବେ ମୁହିଁ ପତିବ୍ରତା ନାରୀ
ଏ ରାତି ପାହିବ ନାହିଁ । ୧ ।
ସତୀ ମା' କମଳା, ସତୀ ଗିରିବାଳା
ସତୀ ମାତା ମହାମାୟା,

Source: Author, Digitized by PPRACHIN, SOA

ସାକ୍ଷୀ ତୁମେ ମାଏ, ଡାକି ଡାକି କହେ
କହେ ସତୀ ଅନସୂୟା—
ନ ପାହୁ ରାତି
ନ ମରୁ ପତି
ଏକ ରାତି ହେଉ ସପତ ରାତି । ୨ ।

(ସଙ୍ଗେ ସଙ୍ଗେ ଆକାଶ ପୃଥିବୀ ପ୍ରକମ୍ପିତ କରି ଏକ ଶବ୍ଦ ଶୁଣାଗଲା ଓ ରାତି ଗାଢ଼ରୁ ଗାଢ଼ତର ହେବାକୁ ଲାଗିଲା । ସମସ୍ତ ଜୀବଜଗତ ପ୍ରମାଦ ଗଣିଲା । ଏଇ ଅବସ୍ଥାରେ ଆତଙ୍କିତ ନାଗରିକ-ମାନଙ୍କର ସ୍ୱର ଶୁଣାଗଲା ।)

ପ୍ରଥମ ସ୍ୱର—ଏ କଣ ? ଏ କି ଅସମ୍ଭବ କଥା ! ଏ ରାତି ପାହୁନାହିଁ କାହିଁକି ?

ଦ୍ୱିତୀୟ ସ୍ୱର—କୁଆଁ ତାରା ଉଦୟ ହୋଇ ପହର ପହର ବିତିଗଲାଣି,—କିନ୍ତୁ ସିନ୍ଦୂରା ନ ଫାଟି ଆହୁରି ଅନ୍ଧାର ମାଡ଼ିଆସୁଛି !

ସ୍ୱ୧—ଏ ଅଘଟଣ ଘଟୁଛି କାହିଁକି ? ଏ ରାତି କଣ ପାହିବ ନାହିଁ ?
ସ୍ୱ୨—ଏ ସୃଷ୍ଟି କଣ ଧ୍ୱଂସ ହୋଇଯିବ ?
ସ୍ୱ୧—ଏଇ ତ, ଜନବସତି ଭିତରେ ସିଂହ ବାଘ ଆଦି ହିଂସ୍ର ଜନ୍ତୁ ପ୍ରବେଶ କଲେଣି—ଅସୁରମାନଙ୍କର ବିକଟ ଚିତ୍କାର ଶୁଣାଯାଉଛି ।

ସ୍ୱ୨—ହେ ଭଗବାନ, ବିଷ୍ଣୁ—ରକ୍ଷାକର—ରକ୍ଷାକର !
ସ୍ୱ୧—ହେ ପ୍ରଭୁ ସୂର୍ଯ୍ୟ ଦେବତା—ଆଉ କୃଷ୍ଠ ନ କରି ପୂର୍ବ ଦିଗରେ ଉଦୟ ହୁଅ ପ୍ରଭୁ—ଉଦୟ ହୁଅ !

Source: Author, Digitized by PPRACHIN, SOA

—ଗୀତ (ମିଳିତ କଣ୍ଠ)—

ସୂର୍ଯ୍ୟ ହେ—
ହେ ସୂର୍ଯ୍ୟ, ହେ ଊଷାକାନ୍ତ,
ଅଂଶୁମାଳୀ ହେ ଆଦିତ୍ୟ,
କୁହ ପ୍ରଭୁ, କୁହ କେବେ ଏ ନିଶି ହେବ ପ୍ରଭାତ ?
ସୂର୍ଯ୍ୟ ହେ—

ଲୋକ ଲୋଚନରୁ ଅନ୍ତର ହୋଇ
କେଉଁଠି ରହିଲ ରବି,
କେଉଁ ଗଗନରେ ହଜିଗଲା ତୁମ
ଉଦୟ କାଳର ଛବି !

କାହିଁ ଗଲେ ତୁମ ସପତ ଅଶ୍ୱ
କାହିଁ ଗଲା ତୁମ ରଥ,
ଅନ୍ତ ହୀନ ଏ ତମସା ରଜନୀ
କାହିଁ ତୁମ ଊଷାପଥ ?

ସୂର୍ଯ୍ୟ ହେ...ସୂର୍ଯ୍ୟ ହେ,
ଏ'କି ସୃଷ୍ଟିର ଅବସାନ !
ଏ କି ପ୍ରଳୟର ଅଭିଯାନ !

ହେ ସୂର୍ଯ୍ୟ, ହେ ଊଷାକାନ୍ତ,
ଅଂଶୁମାଳୀ, ହେ ଆଦିତ୍ୟ,
କୁହ ପ୍ରଭୁ, କୁହ କେବେ
ଏ ନିଶି ହେବ ପ୍ରଭାତ । ୧ ।

Source: Author, Digitized by PPRACHIN, SOA

ଆଉ ନିର୍ଦ୍ଦୟ ହୁଅନା ଦେବ,
ଦିଅ ଆଲୋକ ଦୁଆର ଖୋଲି,
ତିମିର ତଳୁ ଏ ଜୀବ
ଚାହୁଁ ଥରେ ଆଖି ମେଲି ।
ଅନ୍ଧକୂପ ତଳୁ କୋଟି ମାନବର
ଶୁଣିକି ପାରୁନ ତ୍ରାହି ତ୍ରାହି ସ୍ୱର ?
ଏ'କି ଜୀବଜଗତର ଶେଷ
କଣ୍ଟି ରନ୍ଧ୍ରବନ ଅବଶେଷ !
ସୂର୍ଯ୍ୟ ହେ...ସୂର୍ଯ୍ୟ ହେ,
ହେ ସୂର୍ଯ୍ୟ, ହେ ଗ୍ରୀଷ୍ମାକାନ୍ତ,
ଅଂଶୁମାଳୀ ହେ ଆଦିତ୍ୟ,
କୁହ ପ୍ରଭୁ, କୁହ କେବେ ଏ ନିଶି ହେବ ପ୍ରଭାତ । ୨ ।

Source: Author, Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ସ୍ୱର୍ଗପୁର । ଜୀବ-ଜଗତର ଏ ଦୁର୍ଦ୍ଦଶାରେ ବିଚଳିତ ହୋଇ ବ୍ରହ୍ମାଙ୍କ ସହ ଦେବଗଣ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି ।]

ବ୍ରହ୍ମା—ଏଥର କୁହନ୍ତୁ ପରମେଶ୍ୱର, ଏ ସୃଷ୍ଟି କଣ ଧ୍ୱଂସ ହୋଇଯିବ ?

ବିଷ୍ଣୁ—ଆପଣ ତ ସୃଷ୍ଟିକର୍ତ୍ତା, ବ୍ରହ୍ମା ! ଏ ପ୍ରଶ୍ନ ଆପଣ ମତେ ପଚାରୁଛନ୍ତି କାହିଁକି ?

ବ୍ରହ୍ମା—ମୁଁ ସୃଷ୍ଟିକର୍ତ୍ତା ସତ—ଆପଣ ହେଉଛନ୍ତି ପାଳନକର୍ତ୍ତା । ଏ ସୃଷ୍ଟି ରକ୍ଷାର ଦାୟିତ୍ୱ ଆପଣଙ୍କର । ସାତଦିନ ସାତରାତି ହୋଇଗଲା, ମର୍ତ୍ତ୍ୟରେ ସୂର୍ଯ୍ୟୋଦୟ ହୋଇନାହିଁ ।

ବିଷ୍ଣୁ—ମୁଁ ନିରୁପାୟ ପିତାମହ ! ସତୀ ଅନସୂୟାଙ୍କ ବାକ୍ୟ କେବେ ଅନ୍ୟଥା ହେବ ନାହିଁ । ସତୀ ତାଙ୍କ ବାକ୍ୟ ଫେରାଇ ନନେଲେ ଏ ମହାପ୍ରଳୟର ଅବସାନ ହେବ ନାହିଁ ।

ବ୍ରହ୍ମା—କିନ୍ତୁ ସତୀ ତାଙ୍କ ବାକ୍ୟ ଫେରାଇ ନେଲେ ତାଙ୍କ ସ୍ୱାମୀଙ୍କ ଜୀବନ ରକ୍ଷା...

ବିଷ୍ଣୁ—ସେଇଥି ପାଇଁ ତ କହୁଚି—ମୁଁ ନିରୁପାୟ !

ବ୍ରହ୍ମା—ଆପଣ ଆଉ ଛଳନା କରନ୍ତୁ ନାହିଁ ଗୋଲୋକବିହାରୀ ! କହନ୍ତୁ, ଉପାୟ କଣ ?

ବିଷ୍ଣୁ—ଏକମାତ୍ର ଉପାୟ—ସତୀ ଯଦି ସ୍ୱଦେହରେ ସ୍ୱର୍ଗକୁ ଆସି ପାରିବେ...

Source: Author, Digitized by PPRACHIN, SOA

ବ୍ରହ୍ମା—କିନ୍ତୁ ଅନସୂୟା ଯେ ମାନବୀ ?

ବିଷ୍ଣୁ—ସେ ଉପାୟ ଆପଣକରିବେ। ଆପଣ ବିଧାତା ପୁରୁଷ। ଆପଣ ବର ଦେଲେ ସତୀ ସ୍ୱଦେହରେ ସ୍ୱର୍ଗକୁ ଆସିପାରିବେ।

ବ୍ରହ୍ମା—ଧନ୍ୟ ଆପଣ ଛଳନାମୟ ! ବେଶ, ମୁଁ ଏଇ ମୁହୂର୍ତ୍ତରେ ବର ପ୍ରଦାନ କରୁଛି—ଅନସୂୟା ସ୍ୱଦେହରେ ସ୍ୱର୍ଗକୁ ଆଗମନ କରନ୍ତୁ ।

(ଧ୍ୟାନରତ ବ୍ରହ୍ମା ଊର୍ଦ୍ଧ୍ୱକୁ ବାହୁ ପ୍ରସାରଣ କରି ବର ପ୍ରଦାନ କଲେ । ପର ମୁହୂର୍ତ୍ତରେ ପଟ୍ଟବସ୍ତ୍ର-ସୁଶୋଭିତା ଅନସୂୟା ଦେବଲୋକରେ ଉପସ୍ଥିତ ହେଲେ ଓ ଆଖିର ପଲକରେ ଦେବଦେବୀଙ୍କ ଗହଣରେ ସମସ୍ତ ସ୍ୱର୍ଗପୁରୀ ବୁଲି ଦେଖିଆସିଲେ ।)

ବିଷ୍ଣୁ—ସମସ୍ତ ସ୍ୱର୍ଗପୁରୀ ତ ବୁଲି ଦେଖିଲ—ଏବେ କୁହ ସତୀ ଅନସୂୟା, ମର୍ତ୍ତ୍ୟପୁରୀକୁ କି ସମ୍ବାଦ ନେଇ ଫେରିଯିବ ? କଣ ଏଠି ଦେଖିଲ ?

ଅନ—ନନ୍ଦନକାନନରୁ ନରକପୁରୀ ସବୁଠି ମୋ' ଆଖି ଆଗରେ ଭାସିଉଠିଲା ସେଇ ଗୋଟିଏ ଚିହ୍ନ ।

ବିଷ୍ଣୁ—କଣ ସେ ଚିହ୍ନ ?

ଅନ—ପ୍ରଭୁ ଗୋଲୋକବିହାରୀ ଭଗବାନ ବିଷ୍ଣୁ—ସବୁଠି ସେ ବିଦ୍ୟମାନ ।

ବିଷ୍ଣୁ—ମୁଁ କିନ୍ତୁ ତମ ମୁହଁରୁ ମୋର ଏ ସ୍ତୁତିଗାନରେ କେବଳ ସନ୍ତୁଷ୍ଟ ହୋଇ ପାରିବି ନାହିଁ । ତମ ପାଖରେ ମୋର ନିବେଦନ ଅଛି ।

ଅନ—ନିବେଦନ ?

ବିଷ୍ଣୁ—ମର୍ତ୍ତ୍ୟ ଆକାଶରେ କଣ ସୂର୍ଯ୍ୟ ଉଇଁବେ ନାହିଁ ? ମର୍ତ୍ତ୍ୟର ଏ କାଳରାତ୍ରି କଣ ପାହିବ ନାହିଁ ?

Source: Author, Digitized by PPRACHIN, SOA

ଅନ—ଏ ପ୍ରଶ୍ନର ଉତ୍ତର ମୁଁ ଦେବ ?

ବଶିଷ୍ଠ—ହଁ, ତୁମେ।

—ଗୀତ—

ଆଜ ଏ ଗୋଲୋକ ଧାମେ
ଗୋଲୋକବିହାରୀ ଯେ,
ସତୀ ଅନସୂୟା ପାଶେ
ଜଣାଏ ଗୁହାରି ଯେ। ୦ ।
ଲକ୍ଷ୍ମଣର ଶକ୍ତିଭେଦ
ଗନ୍ଧମାଦନୁଁ ଔଷଧ
ଏକ ରାତ୍ରି ମଧ୍ୟେ ହନୁ ଆଣିଲା କପଟ ଯେ। ୧ ।
ତୁମ ବାକ୍ୟ ବଳେ ସତୀ
ରାତି ହେଲା ସାତ ରାତି
ସୁମିତ୍ରାନନ୍ଦନ ଚେତା ପାଇଲେଣି ଫେରି ଯେ। ୨ ।
ଜଣାଇଲ ସବୁ ଭେଦ
ମନେ ଯଦି ନାହିଁ ଖେଦ
କୁହ ମନକଥା ଖୋଲି ସଂଶୟ ନ କରି ଯେ। ।

ଅନ— —ଗୀତ—

ତୁମ କୃପାବଳେ ନାଥ,
ଜାଣିଲି ସବୁ ବୃତ୍ତାନ୍ତ
ସବୁ ସିନା ତୁମ ଚକ୍ର ପ୍ରଭୁ ଚକ୍ରଧାରୀ ହେ,
ଶୁଣ ମୋ ଦଇନି ପ୍ରଭୁ ଗୋଲୋକବିହାରୀ ହେ।
ଜଗତ୍ତ କଲ୍ୟାଣ ପାଇଁ
ମୋ' ବାକ୍ୟ ନେଲ ଫେରାଇ
ମର୍ତ୍ତ୍ୟରୁ ଏ କାଳରାତ୍ରି ଯାଉ ଅପସରି ହେ !
ଶୁଣ ମୋ ଦଇନି...। ୪ ।

Source: Author, Digitized by PPRACHIN, SOA

ବଶିଷ୍ଠ—ସବୁ ତ ଶୁଣିଲ ଦେବୀ ! ତୁମେ ତୁମ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରାଣପାତ କରୁଥିଲ ବେଳେ ଲଙ୍କା ଯୁଦ୍ଧରେ ଲକ୍ଷ୍ମଣଙ୍କ ବକ୍ଷରେ ଶକ୍ତିଭେଦ ହେଲା । ରାତି ପାହିବା ପୂର୍ବରୁ ଗନ୍ଧମାଦନ ପର୍ବତରୁ ଔଷଧ ନ ଆସିଲେ ଲକ୍ଷ୍ମଣ ବଞ୍ଚିବେ ନାହିଁ । ଔଷଧ କିନ୍ତୁ ଆସିବ କିପରି ? ଆଉ କଥା ତେଣିକି ଥାଉ, ପବନ-ସୁତ ହନୁମାନ ମଧ୍ୟ ସାତ ଦିନ ସାତ ରାତି ପୂର୍ବରୁ ଏ ଦୁରୂହ କାର୍ଯ୍ୟ କରି ପାରିବେ ନାହିଁ । ସେଇଥିପାଇଁ ଏ ମହାଯୋଗ ଘଟିଲା । ତୁମ ବାକ୍ୟ ବଳରେ ଏକ ରାତି ସାତ ରାତି ହେଲା—ହେଲା ଲକ୍ଷ୍ମଣଙ୍କ ଜୀବନ ରକ୍ଷା । ବର୍ତ୍ତମାନ ତୁମେ ଚାହିଁଲେ ଏ ଜୀବଜଗତ ରକ୍ଷା ହେବ ।

ଅନ—ମୋ' ସ୍ୱାମୀଙ୍କ ମଙ୍ଗଳ ପାଇଁ ମୁଁ ମୋ' ନିଜ ସ୍ୱାର୍ଥ ଜଳାଞ୍ଜଳି ଦେଇଥିଲି । ବର୍ତ୍ତମାନ ଜଗତର ମଙ୍ଗଳ ପାଇଁ ମୁଁ ମୋର ସାଂସାରିକ ସ୍ୱାର୍ଥ ତ୍ୟାଗ କରୁଛି—ମର୍ତ୍ତ୍ୟର ଏ ରାତି ଏବେ ପାହୁ ।

ବଶିଷ୍ଠ—ତୁମର ପରୀକ୍ଷା ଶେଷ ହୋଇଛି ଦେବୀ ! ତୁମେ ସ୍ୱଦେହରେ ସ୍ୱର୍ଗ ଦର୍ଶନ କରିଛ । ତୁମର ଏଇ ପୁଣ୍ୟବଳରେ ସ୍ୱାମୀ ତୁମର ରୋଗମୁକ୍ତ ହୋଇ ଦୀର୍ଘ ଜୀବନ ଭୋଗ କରିବେ । ଆଉ, ତୁମର ଏ ଅଲୌକିକ କାହାଣୀ ଯୁଗ ଯୁଗ ଧରି ଲୋକମୁଖରେ ପ୍ରଚଳିତ ରହିବ—"ନପାହୁ ରାତି, ନମରୁ ପତି,
ଏକ ରାତି ହେଉ ସପତ ରାତି" ।

Source: Author, Digitized by PPRACHIN, SOA